# 'ଗ୍ରେସ ଇନ୍ ସ୍କୁଲ' ପ୍ରକଳ୍ପ ଶୁଭାରମ୍ଭ ।

ଅନୁଗୋଳ ଜିଲ୍ଲାରେ ଇକୋ କ୍ଲବକୁ ସୁଦୃଢ କରିବା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନ, ଜେ ଏସ୍ ପି ଫାଉଣ୍ଡେସନ୍ ଓ ନିଟ୍‌କନ ସୋସିଆଲ ଫାଉଣ୍ଡେସନ୍ ମିଳିତ ସହଯୋଗରେ ଗାନ୍ଧୀ ଜୟନ୍ତୀ ଅବସରରେ 'ଗ୍ରେସ ଇନ୍ ସ୍କୁଲ' ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରାତିମୟ ଏହି ପ୍ରକଳ୍ପକୁ ଉଦଘାଟନ କରିଛନ୍ତି । ଅନୁଗୋଳ ଜିଲ୍ଲାରେ ବିଦ୍ୟାଳୟଗୁଡିକରେ ସବୁଜ ପାଠ୍ୟକ୍ରମ କାର୍ଯ୍ୟକାରୀ କରି ଛାତ୍ର ଛାତ୍ରୀମାନଂକ ମଧ୍ୟରେ ପରିବେଶ ପରିଚାଳନାର ସଚେତନତା ସୃଷ୍ଟି କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ । ଗୋଷ୍ଠୀ ସ୍ତରରେ ସବୁଜ ଏବଂ ଜଳବାୟୁ ପରିବର୍ତ୍ତନର ସ୍ଥାୟୀ ପ୍ରତିକାର କରିବା ଲକ୍ଷ୍ୟରେ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କ ଦକ୍ଷତା ବିକାଶ କରିବା ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ । ଅନୁଗୋଳର ୧୪୦୦ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫୦ଟି ବିଦ୍ୟାଳୟରେ ଏହି ପ୍ରକଳ୍ପ ହାତକୁ ନିଆଯାଇଛି । ପରିବେଶ,ସର୍କୁଲାର ଇକୋନୋମି, ଜଳ,ପରିମଳ ଏବଂ ସ୍ୱଛତା,ବିପର୍ଯ୍ୟୟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟବସ୍ତୁ ଉପରେ ଏହି ପ୍ରକଳ୍ପ ଆଧାରିତ । ବିଦ୍ୟାଳୟଗୁଡିକରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସର୍ବୋତ୍ତମ ଅଭ୍ୟାସଗୁଡିକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜେ ଏସ୍ ପି ଏଲର ସି ଏସ୍ ଆର ଶ୍ରୀ ପ୍ରଶାନ୍ତ କୁମାର ହୋତା ଯୋଗ ଦେଇ ଅନୁଗୋଳର ଯୁବ ଛାତ୍ରଛାତ୍ରୀମାନଂକୁ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିଟକନ୍‌ର ପରିଚାଳନା ନିର୍ଦ୍ଦେଶକ ସତବିନ୍ଦର ସିଂହ ଓ ୟୁ ଏନ୍ ଇ ପିର ଶିକ୍ଷା ପରାମର୍ଶଦାତା ଗାୟତ୍ରୀ ରାଘବ, ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ବରିଷ୍ଠ ସଦସ୍ୟ ସ୍ୱପ୍ନା ଷଡଙ୍ଗୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୯୪ ତା.୦୪.୧୦.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।

OPPO Reno7 5G
DIPRO ANGL | 2023.10.04 19:14


District Administration
ANGUL
OPPO Reno7 5G
DIPRO ANGL | 2023.10.02 11:24


District Administration
ANGUL
Official Launch
Of
'GRACE IN SCHOOLS'
And
Logo Making Competition
on
2nd October, 2023
OPPO Reno7 5G
DIPRO ANGL | 2023.10.02 12:07